सत्यमेव जयते

# କେନ୍ଦ୍ରୀୟ ପାସ୍‌ପୋର୍ଟ ସଂଗଠନ
# (CENTRAL PASSPORT ORGANISATION)

## ବିଦେଶ ମନ୍ତ୍ରଣାଳୟର ୨୦୧୬ ବର୍ଷ ପାଇଁ ପାରପତ୍ର (ପାସ୍‌ପୋର୍ଟ) ମୁଦ୍ରଣ ଏବଂ ପାରପତ୍ର(ପାସ୍‌ପୋର୍ଟ) ସେବା ପ୍ରଦାନ ପାଇଁ ନାଗରିକ ଅଧିକାର ଘୋଷଣାପତ୍ର ।




सत्यमेव जयते

# କେନ୍ଦ୍ରୀୟ ପାସ୍‌ପୋର୍ଟ ସଂଗଠନ

## (CENTRAL PASSPORT ORGANISATION)

## ବିଦେଶ ମନ୍ତ୍ରଣାଳୟର ୨୦୧୬ ବର୍ଷ ପାଇଁ ପାରପତ୍ର (ପାସ୍‌ପୋର୍ଟ) ମୁଦ୍ରଣ ଏବଂ ପାରପତ୍ର(ପାସ୍‌ପୋର୍ଟ) ସେବା ପ୍ରଦାନ ପାଇଁ ନାଗରିକ ଅଧିକାର ଘୋଷଣାପତ୍ର ।



## ୧.	ପରିଚୟ :

୧.୧	ବିଦେଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ନିଜ ଅଧୀନସ୍ଥ କାର୍ଯ୍ୟାଳୟ କେନ୍ଦ୍ରୀୟ ପାସପୋର୍ଟ(ପାରପତ୍ର) ସଂଗଠନ ଏବଂ ଦେଶ ବିଦେଶରେ ଖୋଲାଯାଇଥିବା ପାସପୋର୍ଟ(ପାରପତ୍ର) ମୁଦ୍ରଣ ପ୍ରାଧିକରଣ ଶାଖାମାନଙ୍କ ମାଧ୍ୟମରେ ଭାରତୀୟ ପାସପୋର୍ଟ(ପାରପତ୍ର) ଏବଂ ଅନ୍ୟ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର, ଜରୁରୀ କାଳୀନ ପ୍ରମାଣ ପତ୍ର, ପୋଲିସ୍ ଆପତ୍ତି ନଥିବା ପ୍ରମାଣ ପତ୍ର ଏବଂ ନିୟନ୍ତ୍ରଣରେଖା(LOC)ର ଅତିକ୍ରମ ପାଇଁ ଅନୁମତି ପତ୍ର ଦିଆଯାଏ ।

୧.୨	ଭାରତୀୟ ନାଗରିକମାନଙ୍କୁ ପାରପତ୍ର ଏବଂ ଅନ୍ୟ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ରର ମୁଦ୍ରଣ ପାସପୋର୍ଟ(ପାରପତ୍ର) ଅଧିନିୟମ, ୧୯୬୭ ଦ୍ୱାରା ନିୟନ୍ତ୍ରିତ ହୁଏ । ଏହି ଅଧିନିୟମ କୌଣସି ବ୍ୟକ୍ତିଙ୍କୁ ବୈଧ ପାସପୋର୍ଟ(ପାରପତ୍ର) କିମ୍ବା ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ବିନା ଭାରତ ବାହାରକୁ ଯିବା ପାଇଁ ଅନୁମତି ଦେଇ ନଥାଏ । ଏହି ଅଧିନିୟମ ପାସପୋର୍ଟ(ପାରପତ୍ର) ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ପାଇବା ପାଇଁ ପଦ୍ଧତି ଉପଲବ୍ଧ କରାଏ ଏବଂ ସେହି ଅଧାର ଗୁଡ଼ିକୁ ନିର୍ମଳ ଭାବେ ବ୍ୟାଖ୍ୟା କରେ ଯେଉଁ କାରଣ ପାଇଁ ପାରପତ୍ର ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ପାଇବା ପାଇଁ ଆବେଦନକୁ ଅସ୍ୱୀକାର କରାଯାଇପାରେ । ଏହି ଅଧିନିୟମ ପାସପୋର୍ଟ(ପାରପତ୍ର) ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ରକୁ ବଳ ପୂର୍ବକ ଅଧିକୃତ (SEIZE)ଏବଂ ଅବୈଧ ଘୋଷଣା କରାଇବାପାଇଁ ବ୍ୟବସ୍ଥା ମଧ୍ୟ ନିର୍ମାଣ କରେ ଏବଂ ବଳ ପୂର୍ବକ ଅଧିକୃତ (SEIZE) ଓ ଅବୈଧ ଘୋଷଣାର କାରଣ ଗୁଡ଼ିକୁ ସ୍ପଷ୍ଟ ରୂପେ ବ୍ୟାଖ୍ୟା କରେ । ପାସପୋର୍ଟ(ପାରପତ୍ର) ଅସ୍ୱୀକାର, ବଳ ପୂର୍ବକ ଅଧିକୃତ(SEIZE) ଏବଂ ଅବୈଧ ଘୋଷଣା ବିରୁଦ୍ଧରେ ଅପିଲ୍ ପାଇଁ ଅଧିନିୟମରେ ଉଚିତ୍ ବ୍ୟବସ୍ଥା କରାଯାଇଛି ।

## ୨. ନାଗରିକ ଅଧିକାର ଘୋଷଣାପତ୍ର :

୨.୧ ଏହି ନାଗରିକ ଅଧିକାର ଘୋଷଣାପତ୍ର ବିଦେଶ ମନ୍ତ୍ରଣାଳୟ, କେନ୍ଦ୍ରୀୟ ପାସପୋର୍ଟ ସଂଗଠନର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ଭାରତରେ କାର୍ଯ୍ୟରତ ପାସପୋର୍ଟ କାର୍ଯ୍ୟାଳୟମାନଙ୍କ ଦ୍ୱାରା ପାସପୋର୍ଟ ସେବା ସମୁହ ପ୍ରଦାନ କରିବା ସମ୍ବନ୍ଧୀୟ ଅଟେ । ଭାରତୀୟ ମିଶନ୍ ବା ପୋଷ୍ଟ ଦ୍ୱାରା ବିଦେଶରେ ପାସପୋର୍ଟ ସେବା ପ୍ରଦାନ କରିବା ଏହି ନାଗରିକ ଅଧିକାର ଘୋଷଣା ପତ୍ରର ସୀମା ବାହାରେ ଅଟେ ।

## ୩. ଦୃଷ୍ଟି କଥନ :

୩.୧ ବିଦେଶ ମନ୍ତ୍ରଣାଳୟ ନିଜର ପାସପୋର୍ଟ ଲାଗୁକର୍ତ୍ତା ପ୍ରାଧିକରଣ (PASSPORT ISSUEING AUTHORITY)କଳ ମାଧ୍ୟମରେ ପାସପୋର୍ଟ ଅଧିନିୟମ, ୧୯୬୭ର ଉପବନ୍ଧ ଏବଂ ଏହି ଅଧିନିୟମ ଅଧିନରେ କରାଯାଇ ଥିବା ନିୟମ ଅନୁସାରେ ବ୍ୟବସ୍ଥିତ କାର୍ଯ୍ୟପ୍ରଣାଳୀ ପ୍ରତିବନ୍ଧ, ପ୍ରଶିକ୍ଷିତ ଏବଂ ଉତ୍ସାହି କର୍ମଚାରୀ ଗୋଷ୍ଠି ମାଧ୍ୟମରେ ପାରପତ୍ର ସେବା ସବୁକୁ ସମୟାନୁବର୍ତ୍ତିତା, ପାରଦର୍ଶୀ, ଅଧିକ ସୁଗମନ, ବିଶ୍ୱାସନୀୟ ଏବଂ ସୁବିଧାଜନକ ବାତାବରଣ ଅଧାରରେ ପ୍ରଦାନ କରିବେ ।

## ୪. ସେବା ସୂଚୀ :

୪.୧ * ପାସପୋର୍ଟ ଲାଗୁକରଣ

* ପୋଲିସ୍ ଆପତ୍ତି ନଥିବା ପ୍ରମାଣ ପତ୍ର ଲାଗୁକରଣ
* (ପାସପୋର୍ଟ ) ପାରପତ୍ର ତ୍ୟାଗର ପ୍ରମାଣପତ୍ର ଦେବା
* (ପାସପୋର୍ଟ ) ପାରପତ୍ର ଆଧାରିତ ଅନ୍ୟସେବା ପ୍ରଦାନ କରିବା

୪.୨ ନାଗରିକମାନଙ୍କ ସୁବିଧା ପାଇଁ ପାସପୋର୍ଟ ସେବାର ଶୁଳ୍କ ଏବଂ ଆବଶ୍ୟକ କାଗଜପତ୍ର ସହିତ ବିସ୍ତୃତ ଦିଗଦର୍ଶନ ଏବଂ ତତ୍ସମ୍ବନ୍ଧୀୟ ସୂଚନା ପୋର୍ଟାଲ୍ www.passportindia.gov.in ରେ ଦିଆଯାଇ ଅଛି ।

## ୫.    ନାଗରିକ ସହାୟତା ସେବା ସମୂହ :

| | |
|---|---|
| ପାସ୍‌ପୋର୍ଟ ସେବା କେନ୍ଦ୍ର(PASSPORT SEVA KENDRA) | ପାସ୍‌ପୋର୍ଟ ସେବା କେନ୍ଦ୍ର (PSK) ସମଗ୍ର ଭାରତରେ କାର୍ଯ୍ୟକାରୀ ସହାୟତା, ସୂଚନା ପାଇଁ ସୁଚନା ପଟ୍ଟ, ଫଟୋ ନକଲ, ଖାଦ୍ୟ ଏବଂ ପାନୀୟ ସୁବିଧା, ସର୍ବସାଧାରଣ ଦୁରଭାଷ ସୁବିଧା, ଶିଶୁ ଦେଖାଶୁଣା କକ୍ଷ, ଦୁରଦର୍ଶନ, ଇଲେକ୍‌ଟ୍ରୋନିକ୍ ଟୋକନ୍ ମୁଦ୍ରଣ ତନ୍ତ୍ର, ATM ସୁବିଧା ଏବଂ ଭିନ୍ନକ୍ଷମ / ଅସହାୟ / ଦୁର୍ବଳଲୋକମାନଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ କରାଏ । |
| ସୂଚନା ଦେବା ଅନ୍ ଲାଇନ୍ ପଞ୍ଜିକୃତ କରାଇବା, ଆବେଦନ କରିବା, ଶୁଳ୍‌କ ଆଦାୟ କରିବା, ସାକ୍ଷାତ ପାଇଁ ସମୟନେବା ଏବଂ ଆବେଦନର ବସ୍ତୁ ସ୍ଥିତି ଜାଣିବା | ଏହି ସେବା ଗୁଡ଼ିକ ସର୍ବଦା ଏବଂ ସବୁବେଳେ ଉପଲବ୍ଧ ଅଛି । ନାଗରିକ ମାନେ ପାସ୍‌ପୋର୍ଟ ସେବା ପୋର୍ଟାଲ ମାଧ୍ୟମରେ ନିଜର ପାରପତ୍ର ପାଇଁ ଅନ୍‌ଲାଇନ୍ ଆବେଦନ କରିପାରିବେ ଏବଂ ନିକଟତମ ପାସ୍‌ପୋର୍ଟ ସେବା କେନ୍ଦ୍ରକୁ ଯାଇ ପରବର୍ତ୍ତୀ ପଦକ୍ଷେପ ପାଇଁ ସାକ୍ଷାତ ସମୟ ନେଇପାରିବେ ଯାହାକି ସାଧାରଣତଃ ୧ ରୁ ୭ ଦିନ କାର୍ଯ୍ୟଦିବସ ମଧ୍ୟରେ ଉପଲବ୍ଧ ହେଉଅଛି । ପାଣିପାଗ ଏବଂ ଆଞ୍ଚଳିକତାକୁ ନେଇ ଏଥିରେ ଅଳ୍ପ ବହୁତ ଅନ୍ତର ହୋଇପାରେ । |
| ଜାତୀୟ କଲ୍ ସେଣ୍ଟର୍ | ନିଃଶୁଳ୍‌କ ଧ୍ୱନି ପ୍ରତ୍ୟୁତ୍ତର ପ୍ରବର୍ତ୍ତନ ସେବା ସକାଳ ୮ଟା ଠାରୁ ରାତ୍ର ୧୦ ଘଣ୍ଟା ସମୟ ପର୍ଯ୍ୟନ୍ତ ୧୭ଟି ଭାରତୀୟ ଭାଷାରେ ୨୪x୭ ଆଧାରରେ ଉପଲବ୍ଧ ଅଛି । |
| SMS ବସ୍ତୁ ସ୍ଥିତି ଯାଞ୍ଚ୍ ସେବା | ସାଧାରଣ ନିଃଶୁଳ୍‌କ SMS ସେବା ଛଡ଼ା ନାମକୁ ମାତ୍ର ଶୁଳ୍‌କ ପଇଠ କରି ବିକଳ୍ପ SMS ସେବା ଉପଲବ୍ଧ ଅଛି । |

| | |
|---|---|
| ଇ-ମେଲ୍(Email) ଆଧାରିତ ସେବା | ନାଗରିକମାନଙ୍କ ଦ୍ୱାରା ପ୍ରଶ୍ନ କରାଯାଇଥିବା ଉତ୍ତର ଦେବା ପାଇଁ ପାସ୍‌ପୋର୍ଟ ପୋର୍ଟାଲ ସେବା ଡ଼େସ୍କ ମଧ୍ୟ କାର୍ଯ୍ୟକ୍ଷମ ଅଛି । |
| M-ପାସ୍‌ପୋର୍ଟ ସେବା | ଏହା ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ଉଦ୍ଧିଷ୍ଟ ମୋବାଇଲ୍ ଆପ୍(App) ଅଟେ ଯାହା ପାସ୍‌ପୋର୍ଟ ସମ୍ବନ୍ଧୀୟ ସୂଚନା ଏବଂ ଆବେଦନର ବସ୍ତୁ ସ୍ଥିତି ସୂଚନା ଦିଏ । |
| ପାସ୍‌ପୋର୍ଟ ମେଳା | ପାସ୍‌ପୋର୍ଟ ମେଳା ଆୟୋଜନ ସାଧାରଣତଃ ପାସ୍‌ପୋର୍ଟ କାର୍ଯ୍ୟାଳୟ ବା ପାସ୍‌ପୋର୍ଟ ସେବା କେନ୍ଦ୍ରରେ ସାମାନ୍ୟ ଛୁଟିଦିନମାନଙ୍କରେ ନାଗରିକମାନଙ୍କୁ ଆବେଦନ ଜମା କରାଇବାପାଇଁ ଅଧିକ କାର୍ଯ୍ୟ ସମୟ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ନିଆଯାଇଥିବା ଏକ ବିଶେଷ ପଦକ୍ଷେପ ଅଟେ । |
| ପାସ୍‌ପୋର୍ଟ ଅଦାଲତ | ପାସ୍‌ପୋର୍ଟ ଅଦାଲତର ଆୟୋଜନ ସାଧାରଣତଃ ପାସ୍‌ପୋର୍ଟ କାର୍ଯ୍ୟାଳୟମାନଙ୍କରେ ଅଧିକଦିନ ଧରି ପଡ଼ି ରହିଥିବା ଜଟିଳ ସମସ୍ୟା ଏବଂ ଅଭିଯୋଗଥିବା ଆବେଦନ ଗୁଡ଼ିକର ଶୁଣାଣୀ ପାଇଁ କରାଯାଇଥାଏ । |
| ପାସ୍‌ପୋର୍ଟ ସେବା କ୍ୟାମ୍ପ୍ | ପାସ୍‌ପୋର୍ଟ ସେବା କ୍ୟାମ୍ପ୍‌ର ଆୟୋଜନ ଆବେଦନକାରୀଙ୍କ ସୁବିଧାପାଇଁ ପାସ୍‌ପୋର୍ଟ ସେବା କେନ୍ଦ୍ର(PASSPORT SEVA KENDRA)ଠାରୁ ଦୂର ସ୍ଥାନ ମାନଙ୍କରେ କରାଯାଇଥାଏ । |

## ୬.	ସେବା ଯୋଗାଣ ସ୍ତର ଏବଂ ସେଥିପାଇଁ ସମୟ :

ବୈଧାନିକ ବ୍ୟବସ୍ଥା ଅନୁସାରେ ଆବେଦନ ପ୍ରାପ୍ତ ହେଲାପରେ, ପାସ୍‌ପୋର୍ଟ ଅଧିକାରୀ ଆବଶ୍ୟକ ଯାଞ୍ଚ୍ କଲାପରେ ପାସ୍‌ପୋର୍ଟ ବା ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ଗୁଡ଼ିକୁ ମୁଦ୍ରୀତ ବା ନାକଚ କରନ୍ତି । ନିମ୍ନରେ ଦିଆଯାଇଥିବା ସମୟସୀମା, ପୋଲିସ୍ ଯାଞ୍ଚ୍ କିମ୍ବା ଅନ୍ୟ ପ୍ରକାରର ଯାଞ୍ଚ୍ କିମ୍ବା ପାସ୍‌ପୋର୍ଟ ଲାଗୁକର୍ତ୍ତା ଅଧିକାରୀଙ୍କ ନିୟନ୍ତ୍ରଣର ଅଂଶବିଶେଷ ହୋଇ ନଥିବା କୌଣସି କାରଣ ଉପରେ ନିର୍ଭର କରେ ।

| **ସେବାର ପ୍ରକାର** | **ନିର୍ଦ୍ଦେଶିତ ସମୟ ସୀମା** | **ଟିପ୍ପଣୀ** |
|---|---|---|
| ନୂଆ (ପ୍ରଥମ ଥର ପାଇଁ) ପାସ୍‌ପୋର୍ଟ ପ୍ରାପ୍ତ କରିବା ଯାହାକୁ ମୁଦ୍ରଣ କରିବା ଆଗରୁ ପୋଲିସ୍ ଯାଞ୍ଚର ଆବଶ୍ୟକତା ଅଛି । | ୩୦ଟି କାର୍ଯ୍ୟଦିବସ ପର୍ଯ୍ୟନ୍ତ (ପୋଲିସ୍ ଯାଞ୍ଚ୍ ସମୟକୁ ବାଦ୍ ଦେଇ ।) | ସଂପୁର୍ଣ୍ଣ କାଗଜପତ୍ର ପ୍ରାପ୍ତ ହେବା ତାରିଖ ଠାରୁ ଦାଖଲ କରିବା ପରେ ପାସ୍‌ପୋର୍ଟ ଲାଗୁକର୍ତ୍ତା ଅଧିକାରୀଙ୍କ ସନ୍ତୋଷପରେ ଏବଂ ଅନୁକୁଳ ପୋଲିସ୍ ଯାଞ୍ଚ୍ ତଥ୍ୟ ପ୍ରାପ୍ତି ହେବାପରେ । |
| ନୂଆ (ପ୍ରଥମ ଥର ପାଇଁ) ପ୍ରାପ୍ତ କରିବା ଯାହା ମୁଦ୍ରିତ କରିବା ପରେ ପୋଲିସ୍ ଯାଞ୍ଚର ଆବଶ୍ୟକତା ଥାଏ କିମ୍ବା ପୋଲିସ୍ ଯାଞ୍ଚର ଆବଶ୍ୟକତା ନ ଥାଏ<br>କ) ତତ୍କାଳ<br>ଖ) ସରକାରୀ / | ୭ ଦିନ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ | ସଂପୁର୍ଣ୍ଣ କାଗଜପତ୍ର ପ୍ରାପ୍ତହେବା ତାରିଖ ଠାରୁ ଦାଖଲପରେ ସତ୍ୟ ପ୍ରମାଣ ପତ୍ର ପରିଚୟପତ୍ର ଆପତ୍ତି ନଥିବା ପ୍ରମାଣ ପତ୍ରର ସତ୍ୟତା, ଯାଞ୍ଚ୍ କଲାପରେ ଏବଂ ପାସ୍‌ପୋର୍ଟ ଲାଗୁକର୍ତ୍ତା ଅଧିକାରୀଙ୍କ ସନ୍ତୋଷ ପରେ । |

| | | |
|---|---|---|
| ପି.ଏସ୍.ୟୁ (PublicSector Undertaking) କର୍ମଚାରୀ **ଆଦି** | | |
| ବୈଧତା ସମୟସୀମାର ସମାପ୍ତ ପରେ କିମ୍ବା ଭିସା ପୃଷ୍ଠାର ସମାପ୍ତ ପରେ ପାସ୍‌ପୋର୍ଟର ପୁନଃ ଲାଗୁକରଣ । | ୭ କାର୍ଯ୍ୟଦିବସ ପର୍ଯ୍ୟନ୍ତ (ସେହି ଘଟଣାରେ ଯେଉଁଥିରେ ପାସ୍‌ପୋର୍ଟ ଲାଗୁ କରିବା ଆଗରୁ ପୋଲିସ ଯାଞ୍ଚର ଆବଶ୍ୟକତା ନଥାଏ) | ସଂପୂର୍ଣ୍ଣ କାଗଜପତ୍ର ପ୍ରାପ୍ତହେବା ତାରିଖ ଠାରୁ ଦାଖଲପରେ ପାସ୍‌ପୋର୍ଟ ଲାଗୁକର୍ତ୍ତା ଅଧିକାରୀଙ୍କ ସନ୍ତୋଷ ପରେ। (ଏହି ପରିସରରୁ ଯଦି ବ୍ୟକ୍ତିଗତ ବିବରଣୀରେ କୌଣସି ପରିବର୍ତ୍ତନ ନ ହୋଇଥିଲେ।) |
| କ) ବ୍ୟକ୍ତିଗତ ବିବରଣୀରେ ପରିବର୍ତ୍ତନ କିମ୍ବା / ଅଥବା (ଖ) ହଜିଯାଇଥିବା / ଚୋରୀହୋଇଥିବା / ଖରାପ ହୋଇଥିବା / ଚିରା ଫଟା ପାସ୍‌ପୋର୍ଟ କାରଣରୁ ଆଉଥରେ ଲାଗୁ ହେବା । | ୭ କାର୍ଯ୍ୟଦିବସ ପର୍ଯ୍ୟନ୍ତ (ସେହି ଘଟଣାରେ ଯେଉଁଥିରେ ପାସ୍‌ପୋର୍ଟ ଲାଗୁ କରିବା ଆଗରୁ ପୋଲିସ ଯାଞ୍ଚର ଆବଶ୍ୟକତା ନଥାଏ) । ୩୦ କାର୍ଯ୍ୟଦିବସ ପର୍ଯ୍ୟନ୍ତ (ସେହି ଘଟଣାରେ ଯେଉଁଥିରେ ପାରପତ୍ର ଲାଗୁ କରିବା ଆଗରୁ ପୋଲିସ ଯାଞ୍ଚର ଆବଶ୍ୟକତା ଅଛି ଏବଂ ପୋଲିସ୍‌ର ଯାଞ୍ଚ | ସଂପୂର୍ଣ୍ଣ କାଗଜପତ୍ର ପ୍ରାପ୍ତହେବା ପରେ, ଦାଖଲପରେ, ପାସ୍‌ପୋର୍ଟ ଅଧିକାରୀଙ୍କ ସନ୍ତୋଷ ପାଇଁ ଆହୁରି ଆବଶ୍ୟକ ସତ୍ୟତା ଯାଞ୍ଚ ପାଇଁ ପଠାଯିବା ପରେ। |

| | | |
|---|---|---|
| | ସମୟକୁ ଛାଡ଼ି । | |
| ବିଭିନ୍ନ ପ୍ରକାରର ସେବା ଯେପରି ପୋଲିସ୍ ଆପତ୍ତି ନଥିବା ପ୍ରମାଣ ପତ୍ର କିମ୍ବା ପାସ୍‌ପୋର୍ଟ ଆଧାରିତ କୌଣସି ଅନ୍ୟପ୍ରମାଣପତ୍ର । | ୭ କାର୍ଯ୍ୟଦିବସ ପର୍ଯ୍ୟନ୍ତ (ସେହି ଘଟଣାରେ ଯେଉଁଥିରେ ପୋଲିସ ଯାଞ୍ଚର ଆବଶ୍ୟକତା ନଥାଏ) | ସଂପୂର୍ଣ୍ଣ କାଗଜପତ୍ର ପ୍ରାପ୍ତହେବା ପରେ, ଦାଖଲପରେ, ପାସ୍‌ପୋର୍ଟ ଅଧିକାରୀଙ୍କ ସନ୍ତୋଷ ପାଇଁ ଆହୁରି ଆବଶ୍ୟକ ସତ୍ୟତା ଯାଞ୍ଚ୍ ପାଇଁ ପଠାଯିବା ପରେ । |

## ୭. ଆବେଦନକାରୀଙ୍କ ସମାନ୍ୟ ଉତ୍ତରଦାୟୀତ୍ୱ :

୭.୧ ବୈଧାନିକ ନିୟମ ଅନୁସାରେ ସମସ୍ତ ପାସ୍‌ପୋର୍ଟ ଆବେଦନକାରୀଙ୍କୁ ନିଜର ଆବେଦନର ସଠିକ୍ ସୂଚନା ଏବଂ ମାନ୍ୟତା ପ୍ରାପ୍ତ ଆଉ ପ୍ରମାଣିତ କାଗଜପତ୍ର ସହିତ ଜମା କରିବାକୁ ପଡ଼େ । ପାସ୍‌ପୋର୍ଟ ଅଧିନିୟମ, ୧୯୬୭ ନିୟମ ଅନୁସାରେ କୌଣସି ଆବେଦନକାରୀ ପାସ୍‌ପୋର୍ଟ କିମ୍ବା ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ପାଇବାପାଇଁ କୌଣସି ପ୍ରକାରର ଭୁଲ୍ ସୂଚନା ଦେଇପାରିବେ ନାହିଁ କିମ୍ବା କୌଣସି ତଥ୍ୟଗତ ସୂଚନା ଯାହାଦେବା ଉଚିତ୍ ତାହା ଲୁଚାଇପାରିବେ ନାହିଁ। ଏପରି କୌଣସି କାର୍ଯ୍ୟକଲେ ଆବେଦନକାରିଙ୍କୁ ଦୁଇବର୍ଷ କାରାଦଣ୍ଡ କିମ୍ବା ୫୦୦୦/- ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ ।

୭.୨ ଆବେଦନକାରୀ ନିର୍ଦ୍ଧାରିତ ୱେବ୍‌ସାଇଟ www.passportindia.gov.in ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଜମା କରାଇବା ଉଚିତ୍ ଏବଂ ଏହାପରେ ନିର୍ଦ୍ଧାରିତ ସମୟରେ ପଞ୍ଜିକୃତ ପାଇଁ ପାସ୍‌ପୋର୍ଟ ସେବା କେନ୍ଦ୍ର(PASSPORT SEVA

KENDRA)ରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ଉଚିତ୍ । ଆବେଦନର ବାୟୋମେଟ୍ରିକ୍ ଅଙ୍ଗୁଳି ଛାପ, ଫଟୋଉଠା, ଆବଶ୍ୟକ ଦେୟ (ଯଦି ଲାଗୁ ହୁଏ ) ଦେବାକୁ ହୁଏ। । ପାସ୍‌ପୋର୍ଟ ଲାଗୁକର୍ତ୍ତା ପ୍ରାଧୀକରଣରୁ ଚାହୁଁଥିବା ସେବାର ସମୟବଦ୍ଧ ସେବା ପାଇଁ ଆବେଦନକାରୀଙ୍କୁ ଔପଚାରୀକତାକୁ ପୂରାକରିବା ପାଇଁ ସମୟସୀମା (ଯଦି ନିର୍ଦ୍ଧାରିତ ଅଛି) ପାଳନ କରିବା ଉଚିତ୍ ।

୭.୩ ଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଛି ଯେ ସନ୍ଦେହ କିମ୍ବା ଅଭିଯୋଗ ପୂର୍ବରୁ ନିଜ ଆବେଦନର ପ୍ରକୃତ ସ୍ଥିତିର ଯାଞ୍ଚ୍ କରିନିଅନ୍ତୁ ।

## ୮. ଅଭିଯୋଗ ସମାଧାନ :

୮.୧ ସେବାର ମାନ ପୂରାନହୋଇ ପାରିଲେ, ସେବା ପ୍ରଦାନ କରିବାରେ ଅସଫଳ କିମ୍ବା ପାସ୍‌ପୋର୍ଟ ଲାଗୁକର୍ତ୍ତା ଅଧିକାରୀଙ୍କ କାର୍ଯ୍ୟପ୍ରଣାଳୀ କାରଣ ଦ୍ୱାରା ଉପ୍ନ୍ନ ହେଉଥିବା କୌଣସି ଅଭିଯୋଗ ବା ଦରଖାସ୍ତକୁ ଅନ୍‌ଲାଇନ୍ ମାଧ୍ୟମରେ (କ) କେନ୍ଦ୍ରୀୟ ସାର୍ବଜନୀନ ଅଭିଯୋଗ ନିବାରଣ ଏବଂ ଅଧିକ୍ଷଣ ପ୍ରଣାଳୀ (C.P.G.R.A.M.S.) cpgrams.gov.in ରେ ପଞ୍ଜିକୃତ କରାଯାଇପାରେ କିମ୍ବା (ଖ) www.passportindia.gov.in ରେ ପଞ୍ଜିକୃତ କରାଯାଇପାରେ (ଗ) ନିଃଶୁଳ୍କ ନଂ ୧୮୦୦-୨୫୮-୧୮୦୦ରେ ପଞ୍ଜିକୃତ କରାଇପାରିବେ।

## ୯. ପ୍ରତିକ୍ରିୟା / ପରାମର୍ଶ :

ପ୍ରତିକ୍ରିୟା ଆଉ ପରାମର୍ଶ (କ) ପାସ୍‌ପୋର୍ଟ ପୋର୍ଟାଲ୍ www.passportindia.gov.in ରେ (Click Feedback) କିମ୍ବା (ଖ) ନିଃଶୁଳ୍କ ନଂ-୧୮୦୦-୨୫୮-୧୮୦୦ରେ କିମ୍ବା (ଗ) ସହାୟକ ପାସ୍‌ପୋର୍ଟ ଅଧିକାରୀ(P.G.), ସାର୍ବଜନୀନ ଅଭିଯୋଗ ପ୍ରକୋଷ୍ଠ, ରୁମ୍ ନଂ-୨୪ , ସି.ପି.ଭି ପ୍ରଭାଗ, ବିଦେଶ ମନ୍ତ୍ରଣାଳୟ, ପଟିଆଲା ହାଉସ୍ ଆନେକ୍ସ, ତିଳକ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧, ଦୂରଭାଷ-୦୧୧-୨୩୩୮୪୫୧୯, ୦୧୧-୨୩୩୮୪୪୯୭, ଫ୍ୟାକ୍ସ ନଂ-୦୧୧-୨୩୩୮୫୪୪୬୧, E-mail : passport.pg@mea.gov.in ରେ ମଧ୍ୟ ଲିଖିତ ଆକାରରେ ଦେଇପାରିବେ ।

## ୧୦. ଏହି ଘୋଷଣା ପତ୍ରର ପରବର୍ତ୍ତି ସମିକ୍ଷାର ସମୟ :

ଏହି ଘୋଷଣା ପତ୍ର(Charter)କୁ ଫେବୃଆରୀ, ୨୦୧୬ ରେ ଲାଗୁ କରାଗଲା । ଏହାର ସମୀକ୍ଷା ଜୁଲାଇ ୨୦୧୬ ରେ କରିବାର ସମ୍ଭାବନା ଅଛି ।